# Akashvani, Sambalpur

## SAMBALPURI NEWS EVENING BULLETIN

## 21 June 2025- 7.02 pm- 7.12 pm.

**********************************************

୧- ପୁର୍‌ଥି ନ ବଢୁଥିବା ଅଶାନ୍ତି ଆଉ ଅସ୍ଥିର୍‌ତା ଭିତ୍‌ରେ ଯୋଗ ଶାନ୍ତିର୍ ରାହା ଦେଖାସି- କହେଲେ ପ୍ରଧାନମନ୍ତ୍ରୀ ।

-ଦେଶର ୩ ଲାଖ୍ ୫୦ ହଜାର୍‌ନୁ ଅଏତ୍‌କା ଜାଗାନ ଆୟୋଜିତ୍ ହେଲା ଯୋଗ ସଙ୍ଗମ୍ କାର୍ଯ୍ୟକ୍ରମ ।

୨- ଯୋଗକେ ବିଦ୍ୟାଳୟ ଆଉ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍‌ଥି ସାମିଲ୍ କର୍‌ବାର୍‌କେ ସରକାର ନେଉଛନ୍ ପଦକ୍ଷେପ୍ କହେଲେ ମୁଖ୍ୟମନ୍ତ୍ରୀ ।

୩- ମୁଖ୍ୟମନ୍ତ୍ରୀଙ୍କର୍ ଅଧକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଚାଲିଛେ ଝାଡ଼ାବାନ୍ତି ଥିତିର ସମୀକ୍ଷା ବୈଠକ୍ ।

ଆଉର୍

୪- ଏକାଦଶୀ ତିଥି ଦିନ ଦଶମୂଲ୍ ଉଷୋ ଲାଗି ହେଲା ଉତ୍‌ରୁ ଆଏଜ୍ ଜର୍‌ନୁ ଭଲ୍ ହେବେ ଚତୁର୍ଦ୍ଧା ମୂର୍ତି ।

ଯୋଗ ଦିବସ ପିଆଇବି

ପୁର୍‌ଥିର୍ ଭିନ୍ ଭିନ୍ ଇଲାକାନ ବଢୁଥିବା ଅଶାନ୍ତି, ଅସ୍ଥିର୍‌ତା ଭିତ୍‌ରେ ଯୋଗ ଶାନ୍ତିର୍ ରାହା ଦେଖାସି ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ଆୟୁଷ ମନ୍ତ୍ରଣାଲୟ ତର୍‌ଫୁ ଆନ୍ଧ୍ରପ୍ରଦେଶ୍‌ର ବିଶାଖାପାଟ୍‌ନମ୍‌ଠାନେ ୧୧ ନମ୍ବର ଅନ୍ତର୍ଜାତୀୟ ଯୋଗ ଦିବସ୍‌ର ଜାତୀୟ ସମାରୋହଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଜୀବ୍‌ନେ ସନ୍ତୁଲନ୍ ରଖ୍‌ବାର୍ ଲାଗି ଯୋଗ୍ ସାହାଜ୍ କର୍‌ସି । ଆଭ୍ୟନ୍ତରୀଣ ଶାନ୍ତି ଲାଗି ଯୋଗ ଦିବସ୍‌କେ ଗୁଟେ ରାସ୍ତା ଭାବେ ଅପ୍‌ନାବାର୍‌କେ ପ୍ରଧାନମନ୍ତ୍ରୀ ବିଶ୍ୱବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍-----ପ୍ରଧାନମନ୍ତ୍ରୀ)

ଇ ଯୋଗ ଦିବସ୍‌କେ 'ମାନବ୍‌ତାର୍ ଲାଗି ଯୋଗ ୨ ପଏଂଟ ଶୂନ'ର ଶୁଭାରମ୍ଭ ଭାବେ ପାଲନ୍ କର୍‌ବାର୍‌କେ ପ୍ରଧାନମନ୍ତ୍ରୀ ଆହ୍ୱାନ୍ ଦେଇକରି ଆନ୍ତରିକ୍ ଶାନ୍ତି ବିଶ୍ୱ ନୀତି ହେଉ ବଲି କହିଛନ୍ । ଯୋଗ ପୁର୍‌ଥିକେ ସଂଘର୍ଷନୁ ସହଯୋଗ୍ ଆଉ ଚାପନୁ ସମାଧାନ୍‌ର ବାଟ୍ ଦେଖାସି ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ଦେଶର୍ ୩ ଲାଖ୍ ୫୦ ହଜାର୍‌ନୁ ଅଏତ୍‌କା ଜାଗାନ ଆଏଜ୍ ଯୋଗ ସଙ୍ଗମ୍ କାର୍ଯ୍ୟକ୍ରମ୍ ହେଇଥିଲା । ସଂସ୍କୃତି ମନ୍ତ୍ରଣାଲୟ ତର୍‌ଫୁ ଓଡ଼ିଶାର୍ କୋଣାର୍କ ସହେତେ ଶହେଟା

ପର୍ଯ୍ୟଟନ୍‌ସ୍ଥଲ୍ ଆଉ ୫୦ନୁ ଅଏତ୍‌କା ସାଂସ୍କୃତିକ୍ କେନ୍ଦ୍ରଠାନେ ଯୋଗ ଶିବିର୍‌ମାନ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀ-ଯୋଗ ଦିବସ I&PR

ଯୋଗ- ମାନବ୍ ଜାତିକେ ଭାରତର ଗୁଟେ ବଡ଼ ଉପହାର ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର କଲିଙ୍ଗ ଷ୍ଟାଡିୟମ୍‌ଠାନେ ହେଇଥିବା ରାଜ୍ୟସ୍ତରୀୟ ୧୧ ନମ୍ୱର ଅନ୍ତର୍ଜାତୀୟ ଯୋଗ ଦିସବ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଯୋଗ ଶାରୀରିକ ବ୍ୟାୟାମ୍ କି ଆସନ୍ ଭିତ୍‌ରେ ସୀମିତ ରହେବାର୍ ଉଚିତ୍ ନୁହେ, ତାର୍‌ଠାନୁ ବହୁତ୍ ଉପ୍‌ରେ ରହିଛେ । ଯୋଗ ଶାରୀରିକ୍, ବୌଦ୍ଧିକ୍, ମାନସିକ ଆଉ ଆଧ୍ୟାତ୍ମିକ୍ ସଙ୍ଗମ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଯୋଗକେ ବିଦ୍ୟାଳୟ କାର୍ଯ୍ୟକ୍ରମ ଆଉ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍‌ଥି ସାମିଲ୍ କର୍‌ବାର୍‌କେ ସରକାର ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍----ମୁଖ୍ୟମନ୍ତ୍ରୀ)

ଶିବିର୍‌ଥି ଭିନ୍ ଭିନ୍ ବର୍ଗର୍ ୧୫ ହଜାର୍‌ନୁ ଅଏତ୍‌କା ଲୋକ ଯୋଗ୍ ଦେଇଥିଲେ । କଟକ ଜବାହରଲାଲ ନେହରୁ ଇଣ୍ଡୋର୍ ଷ୍ଟାଡିୟମ୍‌ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଯୋଗ ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପୁରୀ ଜିଲ୍ଲା

କୋଣାର୍କଠାନେ ହେଇଥିବା ଯୋଗ ଦିବସ ସମାରେହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇଥିଲେ ।

ଯୋଗ ଦିବସ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଆଉ ମହାନଦୀ ରିଂରୋଡ୍ ଠାନେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କର ସହେତେ ୫ ହଜାର ଲୋକ ଏକାସଙ୍ଗେ ଯୋଗାଭ୍ୟାସ୍ କରିଛନ୍ । ଯୋଗ ଇହାଦେ ଜନ ଆନ୍ଦୋଲନ୍ ହେଇ ସାରିଛେ ଆଉ ଭାରତୀୟ ଜ୍ଞାନ ପରମ୍ପରାକେ ପାରା ପୁର୍‌ଥି ମାଏନ୍‌ତା ଦେଇଛେ ବଲି ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ।

ଝାରସୁଗୁଡ଼ାର ଦୁଇ ନମ୍ବର ସଶସ୍ତ୍ର ବାହିନୀ ପେରେଡ୍ ପଡ଼ିଆଠାନେ ହେଇଥିବା ଯୋଗ ଦିବସ୍ ସମାରୋହଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାର ଯୋଗ୍ ଦେଇକରି ଫି ଦିନ ଯୋଗ କର୍‌ବାର୍ ସହେତେ ଇତାକେ ଗୁଟେ ଜନ ଆନ୍ଦୋଲନ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ବଲାଙ୍ଗୀର ଜିଲ୍ଲା ପୃଥ୍ୱୀରାଜ ହାଇସ୍କୁଲ୍ ପଡ଼ିଆ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାନେ ହେଇଥିବା ଯୋଗ ଦିସବ୍ ସମାରୋହଥି ଜିଲ୍ଲାପାଲ୍ ଗୌରବ ଶିବାଜୀ ଇସଲ୍‌ବାଲ୍ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁରଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଟାଉନ୍ ହଲ୍ ଆଉ ରାମେଶ୍ୱର୍ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାନେ ହେଇଥିବା ଯୋଗ ଦିବସ କାର୍ଯ୍ୟକ୍ରମଥି ବିଧାୟକ ରଘୁନାଥ ଜଗଦଲାଙ୍କର ସହେତେ ଅଲ୍‌ଗା ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ବୌଦ୍ଧ ସହରର୍ ଆଲ୍‌ତି ଘାଟ୍‌ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଯୋଗାଭ୍ୟାସ୍ ସମାରୋହଥି ବୌଦ୍ଧ ବିଧାୟକ୍ ସରୋଜ କୁମାର ପ୍ରଧାନ ଆଉ ଜିଲ୍ଲାପାଲ ସୁବ୍ରତ କୁମାର ପଣ୍ଡା ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡିୟମ୍‌ଠାନେ ଜିଲ୍ଲାସ୍ତରୀୟ ଯୋଗ ଦିବସ୍ ସମାରୋହଥି ଜିଲ୍ଲାପାଲ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଇ ବଛର୍ ବାର୍ତା ଉପ୍‌ରେ ଜୋର୍ ଦେଇଥିଲେ ।

ଦେବଗଡ଼ ନୂଆ ବସ୍‌ଷ୍ଟାଣ୍ଡ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଯୋଗ ଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ କବୀନ୍ଦ୍ର କୁମାର ସାହୁଙ୍କ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ । ସେନ୍ତା ଇନ୍‌ଡୋର୍ ଷ୍ଟାଡିୟମ୍‌ଠାନେ ପୌର ପରିଷଦ୍ ତର୍‌ଫୁ ଭିଲ୍ ଯୋଗ ଦିବସ୍ ସମାରୋହ ହେଇଥିଲା ।

୧୧ ନମ୍ବର ଅନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଗାଁନୁ ସହର୍ ତକ୍ ସବୁଆଡ଼େ ଯୋଗାଭ୍ୟାସ୍ କାର୍ଯ୍ୟକ୍ରମ୍‌ମାନ୍ ହେଇଥିଲା ।

ଝାଡ଼ାବାନ୍ତି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସମ୍ବାଦଦାତା

ରାଏଜେ ଝାଡ଼ାବାନ୍ତି ଥିତିର୍ ଅନୁଧ୍ୟାନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଗୁଟେ ଜରୁରୀ ବୈଠକ୍ ଚାଲିଛେ । ବୈଠକ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କର୍ ସହେତେ ଭିନ୍ ଭିନ୍ ବିଭାଗର୍ ସଚିବମାନେ ଯୋଗ୍ ଦେଇଛନ୍ । ରାଏଜେ ଦେଖା ଦେଇଥିବା ହଇଜା ସଂକ୍ରମଣକେ ରୁକ୍‌ବାର୍ ଲାଗି ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯିବା ।

ପ୍ରଭାତୀ ପରିଡ଼ା-ପର୍ଯ୍ୟଟନ ବିଭାଗ ସମୀକ୍ଷା ଏକ୍ସ

ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡ଼ା ଆଏଜ୍ ଭୁବନେଶ୍ୱର ପର୍ଯ୍ୟଟନ ଭବନ୍‌ଠାନେ ବିଭାଗୀୟ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଛନ୍ । ବିଭାଗ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ଚାଲିଥିବା ପ୍ରକଳ୍ପ ଆଉ ଖର୍ଚ୍ଚା ଉପ୍‌ରେ ସମୀକ୍ଷା କରିଛନ୍ । ଆଏବା ଦିନେ ପର୍ଯ୍ୟଟନ ବିଭାଗର୍ କାର୍ଯ୍ୟକ୍ରମ୍ ଉପ୍‌ରେ ଭିଲ୍ ଆଲୋଚନା କରିଛନ୍ । ବୈଠକ୍‌ଥି

ବିଭାଗର୍ ପ୍ରମୁଖ ଶାସନ ସଚିବ ବଲ୍‌ୱନ୍ତ ସିଂହ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ୍          ଆର୍‌ଏନ୍‌ୟୁ/

ସମ୍ବଲପୁର/ଏକ୍ସ

ଆଏବା **୨୫** ତାରିଖ୍‌ନୁ *୬* ନମ୍ବର ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ୍-**୨୦୨୫** ମୁଲ୍ ହେବା ବଲି ହାରୋର୍ ସାଧାରଣ ସମ୍ପାଦକ ମିଲିନ୍ଦ ଗୁପ୍ତା କହିଛନ୍ । ଇ ବାବ୍‌ଦେ ସାମ୍ବାଦିକ୍‌ମାନଙ୍କୁ ସୂଚ୍‌ନା ଦେଇକରି ଶ୍ରୀ ଗୁପ୍ତା କହିଛନ୍, ଓଡ଼ିଶାର୍ ପର୍ଯଟନ କ୍ଷେତ୍ରକେ ସାରା ପୁର୍‌ଥି ନ ପୁହୁଁଚାରେ୍ ଇ କନ୍‌କ୍ଲେଭ୍‌ର ମୁଖିଆ ଲକ୍ଷ୍ୟ ଆଏ । ଇ ଅବ୍‌ସରେ ଓଡ଼ିଶାର୍ ପର୍ଯ୍ୟଟନର୍ ଶିଳ୍ପର୍ ବିକାଶ ଲାଗି  ଆଲୋଚନା କରାଯିବା । ଭିତିଭୂମିର୍ ବିକାଶ, ପର୍ଯ୍ୟଟନ ସ୍ଥଲ୍‌ମାନ୍‌କେ ହୋଟେଲ୍ ତିଆର୍ କର୍‌ବାର୍ ସହେତେ ରାଜ୍ୟକେ ଆହୁରି ଅଏତ୍‌କା ବିଦେଶୀ ପର୍ଯ୍ୟଟକମାନ୍‌ଙ୍କୁ ଆକୃଷ୍ଟ୍ କର୍‌ବାର୍ ଦିଗେ ପଦକ୍ଷେପ ନେବାର୍‌କେ ଆଲୋଚନା କରାଯିବା । ସେନ୍ତା ବିଭାଗ୍ ତର୍‌ଫୁ **୨୧** ଦିନିଆ ଟୁର୍ ବ୍ୟବସ୍ଥା ଉପରେ ଭିଲ୍ କନ୍‌କ୍ଲେଭ୍‌ଥି ଆଲୋଚନା କରାଯିବା ବଲି ଶ୍ରୀ ଗୁପ୍ତା କହିଛନ୍ ।

ଉଷା ପାଢ଼ୀ-ନରାଜ କ୍ଲୁଟ୍ ଡିପୋ ଗସ୍ତ          I&PR

ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଆଏଜ୍ କଟକ ନରାଜ୍ଠାନେ ଥିବା କ୍ଲଟ୍ ଡିପୋ ପରିଦର୍ଶନ୍ କରି କରି କ୍ୟାପ୍ଟେନ୍, ଗାଇଡ୍ ଆଉ ଭିନ୍ ଭିନ୍ ସଦସ୍ୟମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍। ସେବା ଆଉ ନିରାପତାର୍ ସର୍ବୋଚ୍ଚ ମାନ ବଜାୟ ରଖିବାର୍କେ କର୍ମଚାରୀମାନଙ୍କୁ ପରାମର୍ଶ ଦେବାର୍ ସଙ୍ଗେ ସଡ଼କ ସୁରକ୍ଷାର୍ ଶପଥ୍ ପାଠ୍ କରେଇଥିଲେ ।

ଓମ୍ଫେଡ୍ ଗୁରସ୍ ଦାମ୍ ବଢ଼ଲା ଏକ୍ସ

ଓମ୍ଫେଡ୍ ଗୁରସ୍ର ଦାମ୍ ଆଏଜ୍ଠାନୁ ଲିଟର୍ ପିଛା ୨ଟଙ୍କା ବଢ଼ିଛେ । ଓମ୍ଫେଡ୍ର ପ୍ରିମିୟମ୍ ଦାମ୍ ୨୬ ଟଙ୍କାନୁ ୨୭ ଟଙ୍କାକେ ବଢ଼ିଥିବାବେଲେ ଓମ୍ଫେଡ୍ ଗୋଲ୍ଡ ମିଲ୍କ ଲିଟର୍ ପିଛା ୪ଟଙ୍କା ବଢ଼ିକରି ୫୬ ଟଙ୍କା ହେଇଛେ । ସେନ୍ତା ଓମ୍ଫେଡ୍ ଟୋନ୍ଡ ମିଲ୍କ ଲିଟର୍ ପିଛା ୫୦ ଟଙ୍କା ହେଇଛେ ବଲି ଓମ୍ଫେଡ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଅନବସର ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ନ ଚାଲିଥିବା ଅନବସର ନୀତିଥି ଆଏଜ୍ ଏକାଦଶୀ ତିଥି ଦିନ ମାହାପୁରୁମାନ୍ଙ୍କୁ ଦଶମୂଲ ଲାଗି

ହେବା । ଶାସ୍ତ୍ର ଅନ୍‌ସାରେ ଜରେ ପଡ଼ିଥିବା ଚତୁର୍ଦ୍ଧାମୂର୍ତିଙ୍କର୍ ଠାନେ ଦଶମୂଲ୍ ମୋଦକ୍ ଲାଗି ହେଲା ଉତ୍‌ରୁ ସୁସ୍ଥ ହେସନ୍ । ଶ୍ରୀମନ୍ଦିରର୍ ବୈଦ୍ୟ ସେବକମାନେ ମାହାପୁରୁମାନଙ୍କର୍ ଲାଗି ଦଶମୂଲ ମୋଦକ୍ ବନେଇ କରି ଗଲାକାଏଲ୍ ମନ୍ଦିରର୍ ଗାରଦ୍‌ଠାନେ ରଖିଛନ୍ । ଆୟୁର୍ବେଦ ଚିକିତ୍ସା ଆଉ ଗୁପ୍ତସେବା ସଙ୍ଗେ ଦଶମୂଳ ଉଷୋ ଖାଏଲା ଉତ୍‌ରୁ ମାହାପୁରୁମାନେ ଆଏଜ୍ ପୁରା ପୁରି ଠିକ୍ ହେବେ । ଆଏବାକାଏଲ୍ ଦ୍ୱାଦଶୀ ତିଥି ନ ଦଇତାପତିମାନେ ଶ୍ରୀନଅରକେ ଯାଇକରି ମାହାପୁରୁମାନ୍‌କର ସୁସ୍ଥ ହେବାର୍ ଖବର୍ ଗଜପତି ମାହାରାଜ୍‌ଙ୍କୁ ଦେବାର୍ ପରମ୍ପରା ରହିଛେ ।

ଅଗ୍ନିପଥ୍ ଯୋଜ୍‌ନା ହି.ସ.

ଭାରତୀୟ ସେନାର୍ ଅଗ୍ନିପଥ୍ ଯୋଜ୍‌ନା ଆଉ ନିୟମିତ୍ କ୍ୟାଡର୍ ନିଯୁକ୍ତି ଲାଗି ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଆଏବା ୩୦ ତାରିଖିନୁ ମୁଲ୍ ହେବା । ଜୁଲାଇ ୧୦ ତାରିଖ୍ ତକ୍ ଚାଲ୍‌ବାର୍‌କେ ଥିବା ଇ ପରୀକ୍ଷା କୋଲ୍‌କାତା ନିଯୁକ୍ତି ଜୋନ୍ ଅଧିନ୍‌ଥି ଦେଶର୍ ୧୮ଟା ସହରର୍ ୨୨ଟା କେନ୍ଦ୍ର ନ ହେବା । ଓଡ଼ିଶାର୍ ୭ଟା ଜାଗା ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା, ଢେଙ୍କାନାଲ୍, ବ୍ରହ୍ମପୁର ଆଉ ବାଲେଶ୍ୱରଠାନେ ଇ ପରୀକ୍ଷା ହେବା ବଲି ଜନାପଡ଼ିଛେ ।

ବିପର୍ଯ୍ୟୟ ପରିଚାଳନା ବୈଠକ୍ ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜିଲ୍ଲାପାଲ୍ଙ୍କର ସମ୍ମିଳନୀ କକ୍ଷଠାନେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଲ୍ନା ପ୍ରସ୍ତୁତି ଟେବୁଲ୍ ଟପ୍ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ ବିଜୟାନନ୍ଦ ସେଠୀଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ବନ୍ୟା, ବାତ୍ୟା ବାଗିର୍ ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ଭିନ୍ ଭିନ୍ ବିଭାଗ୍ ଭିତ୍ରେ ତେଲ୍ମେଲ୍ ରଖିକରି କେନ୍ତାକରି ଧନ୍ଜୀବନ୍ର ସୁରକ୍ଷା କରାଯାଇ ପାର୍ବା ସେ ବାବ୍ଦେ ଆଲୋଚନା ହେଇଥିଲା । ବିପର୍ଯ୍ୟୟ ସମିଆ ଥି ଖାଏବାର୍ ଦରବ୍, ଉଷୋକସା, ପିଇବାର୍ ପାଏନ୍ ସହେତେ ଅତି ଜରୁରୀ ଦରବ୍ ମହଜୁଦ୍ ରଖିକରି ଆଗ୍ତୁରା ତୟାର୍ ରହେବାର୍କେ ଅତିରିକ୍ତ ଜିଲ୍ଲାପାଲ୍ ଭିନ୍ ଭିନ୍ ବିଭାଗର୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ବଙ୍ଗୋପ୍ସାଗର୍ ନ ସକ୍ରିୟ ହେଇଥିବା ଲଘୁଚାପ୍ ପ୍ରଭାବ୍ଥି ଆଏବା ୨୪ ତାରିଖ୍ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ଦେବଗଡ଼ ସହେତେ

୧୯ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।